



# ୨୯

# ସାଂପ୍ରତିକ ବିଶ୍ୱ ବ୍ୟବସ୍ଥା

## (Contemporary World Order)

ବିଶ୍ୱରେ ବର୍ତ୍ତମାନ ଆପାତତଃ ୨୦୦ ଗୋଟି ରାଷ୍ଟ୍ର ବା ଦେଶ ଅଛି । ସେମାନଙ୍କର ମଧ୍ୟରେ ଅନେକ ଦୃଷ୍ଟିରୁ ସାମଞ୍ଜସ୍ୟ ଅଛି – ପ୍ରତ୍ୟେକ ରାଷ୍ଟ୍ର ସ୍ୱାଧୀନ ଅଟନ୍ତି, ପ୍ରଶାସନ ପାଇଁ ତାଙ୍କର ନିଜର ସରକାର ଅଛି, ବୈଦେଶିକ ଶତ୍ରୁର ମୁକାବିଲା କରିବା ପାଇଁ ଓ ନିଜର ନିରାପତ୍ତା ପାଇଁ ପ୍ରତି ରାଷ୍ଟ୍ରର ନିଜର ସୈନ୍ୟ ବାହିନୀ ମଧ୍ୟ ଅଛି । କିନ୍ତୁ ତା ସହିତ ରାଷ୍ଟ୍ରମାନେ ସେମାନଙ୍କର ଭୌଗୋଳିକ ଆକାର, ଜନସଂଖ୍ୟା, ପ୍ରାକୃତିକ ସଂପଦ, ଅର୍ଥନୈତିକ ଅବସ୍ଥା, ସରକାରର ପ୍ରକାର ଭେଦ ଇତ୍ୟାଦିରେ ପରସ୍ପର ପରସ୍ପରଠାରୁ ଭିନ୍ନ । ସେ ଯାହାହେଉ, କୌଣସି ରାଷ୍ଟ୍ର ସବଳ ବା ଦୁର୍ବଳ ହେଉ; ଆକାରରେ ବୃହତ୍ କିମ୍ବା କ୍ଷୁଦ୍ର ହେଉ, ତା'ର ରାଷ୍ଟ୍ର ପରିଚାଳନା ପାଇଁ ସଂପୂର୍ଣ୍ଣ ଭାବରେ ଏକାକୀ ରହି ପାରିବ ନାହିଁ । ସେମାନଙ୍କୁ ଏକତ୍ର ରହିବାକୁ ପଡିବ ଏବଂ ପରସ୍ପର ଠାରୁ ସୁବିଧା ଓ ସୁଯୋଗ ପାଇବା ପାଇଁ ସେମାନଙ୍କୁ ଏକାଠି ହୋଇ ଅନ୍ୟମାନଙ୍କ ସହିତ କାର୍ଯ୍ୟ କରିବାକୁ ପଡ଼ିବ ।

ଯଦିଓ ବିଶ୍ୱ ବ୍ୟବସ୍ଥା ଦେଶ ଦେଶ ମଧ୍ୟରେ ଥିବା ସଂପର୍କ ଉପରେ ପର୍ଯ୍ୟବେଶିତ, ତଥାପି ଏହା ଦେଶ ମାନଙ୍କ ମଧ୍ୟରେ କେବଳ ସୀମିତ ନୁହେଁ । ଆମପରି ଜଣେ ସାଧାରଣ ଲୋକ କ୍ଷେତ୍ରରେ ଯୋଗାଯୋଗ ଓ ସହଯୋଗ ମାଧ୍ୟମରେ ସଂପର୍କ ଗଢ଼ାଯାଇ ପାରେ, ଯଥା– ପର୍ଯ୍ୟଟକମାନେ ହୁଅନ୍ତୁ, ସାମ୍ବଦିକମାନେ ହୁଅନ୍ତୁ, ବ୍ୟବସାୟୀ ଗୋଷ୍ଠୀ ହୁଅନ୍ତୁ ବା ଖେଳାଳୀ ବୃନ୍ଦ ହୁଅନ୍ତୁ, ସେମାନଙ୍କ ମାଧ୍ୟମରେ ଦେଶ-ଦେଶ ସହିତ ସଂପର୍କ ଦ୍ରୁତ ଗତିରେ ଗଢ଼ିଉଠୁଛି । ଦେଶ ଓ ବିଦେଶରେ ବାସକରୁଥିବା ଲୋକମାନଙ୍କର ଉପଗ୍ରହ ମାଧ୍ୟମରେ ଯୋଗାଯୋଗ ଜ୍ଞାନ କୌଶଳ, ମୋବାଇଲ ଫୋନ୍‌ର ବ୍ୟବହାର ଓ ଟେଲିଫୋନ ଜରିଆରେ ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଆଜି ଅତି ସହଜସାଧ୍ୟ ହୋଇପାରିଛି । କେବଳ ଏତିକି ନୁହେଁ, କ୍ରୀଡା, ରାଜନୈତିକ ତଥା ସାଂସ୍କୃତିକ ଘଟଣାବଳୀ ଓ ଦେଶଦେଶ ମଧ୍ୟରେ ସଶସ୍ତ୍ର ସଂଘର୍ଷ ସବୁକୁ 'କେବୁଲ ଟେଲିଭିଜନ' ଜରିଆରେ ସିଧାପ୍ରସାରଣ ଦ୍ୱାରା ଆମେ ନିଜଘରେ ବୈଠକଖାନାରେ ବସି ଦେଖିପାରୁଛୁ । ଏହି ସବୁର ବିକାଶ ସମଗ୍ର ବିଶ୍ୱକୁ ଏକ ଗ୍ରାମରେ ରୂପାନ୍ତରିତ କରିପାରିଛି ଯେଉଁଠି ଆମେ ଏକତ୍ର ରହିବାପରି ଅନୁଭବ କରୁଛୁ ଓ ଆମର ସମସ୍ୟାଗୁଡିକୁ ଉତ୍ସାହର ସହ ସମାଧାନ କରିପାରୁଛୁ । ବିଶ୍ୱର ଘଟଣାବଳୀ ସଂପର୍କରେ ଆମେ ସମସ୍ତେ ସଚେତନ ହେବା ଆବଶ୍ୟକ, କାରଣ ଆମ ଚତୁର୍ପାର୍ଶ୍ୱରେ ଘଟୁଥିବା ବିଶ୍ୱର ଗତିବିଧି ଓ ସମସ୍ୟାବଳୀ ଏହାର ଅନ୍ତର୍ଭୁକ୍ତ ।

### ଉଦ୍ଦେଶ୍ୟ :


ଏହି ପାଠଟିକୁ ଅଧ୍ୟୟନ କରି ସାରିବା ପରେ ଆମେ ଜାଣିପାରିବା :-

- ବିଶ୍ୱ ବ୍ୟବସ୍ଥାର ଅର୍ଥ, କ'ଣ ?
- ଶୀତଳ ଯୁଦ୍ଧ ସମୟରେ ବିଶ୍ୱର ଦୁଇ-ମହାଶକ୍ତିଙ୍କର କ୍ଷମତା ସଂପର୍କରେ ଆଲୋଚନା,

- ବିଶ୍ୱର ବହୁ-କୈନ୍ଦ୍ରିକ ଶକ୍ତି ବିଶିଷ୍ଟ ରାଷ୍ଟ୍ରମାନଙ୍କର ଆବିର୍ଭାବ ସଂପର୍କରେ ଧାରଣା,
- ଶୀତଳ ଯୁଦ୍ଧର ଅବସାନ ପରେ ବିଶ୍ୱ ବ୍ୟବସ୍ଥାରେ ଏକ-କୈନ୍ଦ୍ରିକ ଶକ୍ତିର ଅଭ୍ୟୁଦୟ ସଂପର୍କରେ ଧାରଣା,
- ସାଂପ୍ରତିକ ବିଶ୍ୱରେ ଯୁଦ୍ଧ, ହିଂସା ଓ ସନ୍ତ୍ରାସବାଦୀଙ୍କ ଦ୍ୱାରା ମାନବ ସମାଜରେ ଘଟୁଥିବା ଅକଥନୀୟ ନିର୍ଯାତନା ସଂପର୍କରେ ଧାରଣା,
- ଜଗତୀକରଣର ଅର୍ଥ କ'ଣ ଓ ଏହାର ପ୍ରସାର ପାଇଁ ଆବଶ୍ୟକ ଉପାଦାନମାନଙ୍କ ସଂପର୍କରେ ଧାରଣା,
- ସାଂପ୍ରତିକ ବିଶ୍ୱବ୍ୟବସ୍ଥାରେ ଧନୀ ଓ ଦରିଦ୍ର ବା ନିର୍ଧନ ରାଷ୍ଟ୍ର ମଧ୍ୟରେ ଗଢ଼ି ଉଠୁଥିବା ଅର୍ଥନୈତିକ ବୈଷମ୍ୟ ସଂପର୍କରେ ଜ୍ଞାନ ଲାଭ ।

## ୨୯. ୧. ବିଶ୍ୱ ବ୍ୟବସ୍ଥାର ଅର୍ଥ (Meaning of World Order)

ବ୍ୟବସ୍ଥା କହିଲେ ପ୍ରତ୍ୟେକ ଜିନିଷର ଶୃଙ୍ଖଳିତ ଆଚରଣ ବା ଶୃଙ୍ଖଳାକୁ ବୁଝାଏ । ନିୟମକୁ କାର୍ଯ୍ୟକାରୀ କରିବା ସହ ସେଗୁଡ଼ିକୁ ସମ୍ମାନ ଜଣାଇବା ଏହାର ଅନ୍ତର୍ଭୁକ୍ତ । ଶୃଙ୍ଖଳା ରହିଲେ ଦୈନନ୍ଦିନ ଜୀବନରେ କାର୍ଯ୍ୟକଳାପ ସ୍ୱାଭାବିକ ଓ ଶାନ୍ତିପୂର୍ଣ୍ଣ ହେବ । ବିଶ୍ୱ ବ୍ୟାପାରରେ ଶୃଙ୍ଖଳା କହିଲେ, ଏହା ଏକ ପଦ୍ଧତି, ଯାହା ଗୋଟିଏ ଦେଶର ଅନ୍ୟ ଦେଶ ସହିତ ସଂପର୍କର ପରିଚାଳନାକୁ ବୁଝାଏ । ଏହି ପଦ୍ଧତି କେତେକ ନିୟମ ଉପରେ ପର୍ଯ୍ୟବେଶିତ, ଯାହାକୁ କି ବିଭିନ୍ନ ରାଷ୍ଟ୍ରର ସରକାରମାନେ ଗ୍ରହଣ କରନ୍ତି ଓ ସମ୍ମାନ ଦିଅନ୍ତି । ଏହି ନିୟମାବଳୀରେ ରହିଛି ସବୁ ରାଷ୍ଟ୍ର ସମାନ ଅଟନ୍ତି । କୌଣସି ରାଷ୍ଟ୍ର ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ଅଯଥା ହସ୍ତକ୍ଷେପ କରିବା ଉଚିତ ନୁହେଁ । ଦ୍ୱି-ପାକ୍ଷିକ ବା ପାରସ୍ପରିକ ସଂପର୍କରେ କୌଣସି ଶକ୍ତି ଓ ଭୟ ପ୍ରଦର୍ଶନ କରାଯିବା ଅନୁଚିତ । ଯୁଦ୍ଧବନ୍ଦୀ ଓ ଶରଣାର୍ଥୀମାନଙ୍କ ପ୍ରତି ମାନବିକତା ଦୃଷ୍ଟିକୋଣରୁ ବ୍ୟବହାର ପ୍ରଦର୍ଶନ କରାଯିବା ଉଚିତ । ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଏହି ନୀତି ଗୁଡ଼ିକୁ କାର୍ଯ୍ୟକାରୀ କରିବା ଓ ପାରସ୍ପରିକ ସହଯୋଗ ସ୍ଥାପନ କରିବା ଉଦ୍ଦେଶ୍ୟରେ ସଂଯୁକ୍ତ ରାଷ୍ଟ୍ରସଂଘ ପରି ଏକ ଆନ୍ତରାଷ୍ଟ୍ର ସ୍ତରିୟ ସାଧାରଣ ଅନୁଷ୍ଠାନ ସୃଷ୍ଟି କରିବା ବିଧେୟ । ଏହିପରି ଅନୁଷ୍ଠାନଗୁଡ଼ିକ କୁଟନୀତି ସ୍ତରିୟ ଓ ଆପୋଷ କଥାବାର୍ତ୍ତା ଜରିଆରେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଥିବା ପାର୍ଥକ୍ୟ ଦୂର କରିପାରିବେ । ଏହି ପରିପ୍ରେକ୍ଷୀରେ 'ବିଶ୍ୱ ବ୍ୟବସ୍ଥା' ଶବ୍ଦ ତୁମକୁ ବିଚିତ୍ର ଲାଗିପାରେ । କାରଣ ପ୍ରତି ରାଷ୍ଟ୍ର ପ୍ରାୟତଃ ସମାନ ହେଲେ ମଧ୍ୟ ସେମାନଙ୍କ ମଧ୍ୟରେ ଦୃଢ଼ ତାରତମ୍ୟ ଦେଖାଯାଏ । ଉଦାହରଣ ସ୍ୱରୂପ ଯେତେବେଳେ ସଂଯୁକ୍ତ ରାଷ୍ଟ୍ରସଂଘ (United Nations)ର ନିରାପତ୍ତା ପରିଷଦ (Security Council) କେବଳ ମାତ୍ର ପାଞ୍ଚଗୋଟି ସ୍ଥାୟୀ ସଦସ୍ୟଙ୍କର 'ଭିଟୋ'(Veto) ପ୍ରୟୋଗ କରିବାର କ୍ଷମତା ବ୍ୟବସ୍ଥାରୁ ଏହି ତାରତମ୍ୟ କଥା ସ୍ପଷ୍ଟ ବାରିହୁଏ । ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ସମ୍ପଦ ଲାଭ ଓ ପ୍ରାଧାନ୍ୟ ପାଇଁ ପ୍ରତିଯୋଗିତା ଚାଲିଛି ଓ ପରସ୍ପର ମଧ୍ୟରେ ସନ୍ଦେହ ବୃଦ୍ଧି ପାଉଛି । ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ସୀମାବିବାଦ, ବାଣିଜ୍ୟ ଓ ଅନ୍ୟାନ୍ୟ ବିଷୟକୁ ନେଇ କନ୍ଦଳ ସୃଷ୍ଟି ହେଉଛି । ସଂପ୍ରତି ବିଶ୍ୱରେ ବାରଗୋଟି ଯୁଦ୍ଧ ଏସିଆ, ଆଫ୍ରିକା ଓ ୟୁରୋପରେ ଲାଗିରହିଛି, ଯାହା ଫଳରେ ଲକ୍ଷଲକ୍ଷ ନିରୀହ ନାଗରିକଙ୍କର ଦୁର୍ମୂଲ୍ୟ ସଂପତ୍ତି ଓ ଜୀବନର ଅବସାନ ଘଟୁଛି । ଏହିପ୍ରକାର ସଂଘର୍ଷ କେବଳ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ସୀମିତ ନୁହେଁ ପରନ୍ତୁ ଗୋଟିଏ ରାଷ୍ଟ୍ର ଭିତରେ ମଧ୍ୟ ଦେଖିବାକୁ ମିଳୁଛି । ଅନେକ ରାଷ୍ଟ୍ରରେ ଗୃହଯୁଦ୍ଧ ଚାଲିଛି । ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ହେଉ କିମ୍ବା ପୃଥକ୍ ରାଷ୍ଟ୍ରସୃଷ୍ଟି କରିବାପାଇଁ ହେଉ-ରାଷ୍ଟ୍ରର ସାମରିକ ବାହିନୀ ସହିତ କେତେକ ଗୋଷ୍ଠୀ ବା ନାଗରିକଙ୍କର ନିରବଚ୍ଛିନ୍ନ ଗୃହଯୁଦ୍ଧ ଲାଗି ରହିଛି । ଶ୍ରୀଲଙ୍କାରେ ଚାଲୁଥିବା ଗୃହଯୁଦ୍ଧ ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହା ସହିତ ସନ୍ତ୍ରାସବାଦର ବିସ୍ତାର ଫଳରେ ନିରୀହ ନାଗରିକ ମାନେ ହତ୍ୟା ଓ ହିଂସାର ଶିକାର ହେଉ ଅଛନ୍ତି । ଏହି ପରିସ୍ଥିତିର ସୁଯୋଗ ନେଇ ବାଣିଜ୍ୟିକ ଓ ସାମାଜିକ ସ୍ତରରେ ଚାପ ଗୋଷ୍ଠୀମାନେ ରାଷ୍ଟ୍ରର ନୀତି ଉପରେ ଅଙ୍କୁଶ ଲଗାଇ ଚାଲିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ଏବଂ ୟୁରୋପର



Notes

ବହୁଦେଶୀୟ କମ୍ପାନୀମାନେ (Multinational Corporation) ଦରିଦ୍ର ତଥା ନିର୍ଧନ ରାଷ୍ଟ୍ରମାନଙ୍କର ଅର୍ଥ ନୀତିକୁ ନିୟନ୍ତ୍ରଣ କରୁଛନ୍ତି, ଯାହା ଫଳରେ ବେସରକାରୀ ସଂଗଠନ (NGO) ଗୁଡିକ ଦ୍ରୁତ ଗତିରେ ବିସ୍ତାର ଲାଭ କରୁଛନ୍ତି ।

> ବହୁ-ଦେଶୀୟ କମ୍ପାନୀ ହେଉଛି ୟୁରୋପ କିମ୍ୱା ଯୁକ୍ତରାଷ୍ଟ୍ର ଆମେରିକାର ବୃହତ୍ ବ୍ୟବସାୟ କମ୍ପାନୀ । ସେମାନେ ଉପଭୋକ୍ତାଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ ଓ ଔଷଧ ଇତ୍ୟାଦିର ବ୍ୟବସାୟ ପୃଥିବୀର ଅଧିକାଂଶ ରାଷ୍ଟ୍ରରେ କରିଥା'ନ୍ତି । ତୁମର ହୁଏତ କେତେକ କମ୍ପାନୀ ବିଷୟରେ ଧାରଣା ଥାଇପାରେ ଯଥା, କୋକ୍, ମାଇକ୍ରୋସଫ୍ଟ, ଜେନେରାଲ ମୋଟର୍ସ ଇତ୍ୟାଦି । ବ୍ୟବସାୟରେ ସେମାନଙ୍କର ବାର୍ଷିକ ଲାଭ ଆଶାତୀତ ଭାବରେ ଏତେ ବେଶୀ ହୁଏ ଯାହାକି ଯେକୌଣସି ସ୍ୱଳ୍ପବିକଶିତ ରାଷ୍ଟ୍ରର ପୁଞ୍ଜିଠାରୁ ଯଥେଷ୍ଟ ଅଧିକ । ବେସରକାରୀ ସଂଗଠନ ହେଉଛି, କେତେକ ବ୍ୟକ୍ତି ବିଶେଷଙ୍କଦ୍ୱାରା ସେମାନଙ୍କର ବ୍ୟକ୍ତିଗତ ପ୍ରଚେଷ୍ଟାରେ ଓ ସରକାରଙ୍କର ବିନା ସହାୟତାରେ ଗଢ଼ିଉଠିଥିବା ସଂଗଠନମାନ; ଯଥା – ଆନ୍ତର୍ଜାତୀୟ ରୋଟାରୀ ସଂସ୍ଥା, ରେଡକ୍ରସ ସଂସ୍ଥା ଇତ୍ୟାଦି । ଏହି ପ୍ରକାର ହଜାର ହଜାର ସ୍ୱେଚ୍ଛାସେବୀ ସଂସ୍ଥା ବିଭିନ୍ନ ଅଞ୍ଚଳରେ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ବର୍ତ୍ତମାନ ସକ୍ରିୟ ହୋଇ ଉଠିଛନ୍ତି । ସେମାନେ ସାଧାରଣତଃ ପରିବେଶ ସୁରକ୍ଷା ଓ ମାନବିକ ଅଧିକାର ବା ମାନବାଧିକାରର ବିକାଶ ପାଇଁ କାର୍ଯ୍ୟକରିଥା'ନ୍ତି ।

ଏହିପରି ପରିସ୍ଥିତି ମଧ୍ୟରେ ତୁମକୁ ବିଶେଷ ଭାବରେ ଆଶ୍ଚର୍ଯ୍ୟ ଲାଗୁଥିବ ଯେ ବିଶ୍ୱରେ ଶୃଙ୍ଖଳା (Order) କିପରି ରକ୍ଷାକରାଯାଇ ପାରିବ ? ଏହି ସବୁ ଅବ୍ୟବସ୍ଥା ଭିତରେ କିଞ୍ଚିତ୍ ଶୃଙ୍ଖଳା ରକ୍ଷା କରାଯାଇ ପାରିଛି, ଯାହାକି ଆଖିଦୃଶିଆ ହେଉନାହିଁ । ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ରାଷ୍ଟ୍ରଦୂତ ବିନିମୟ, ଯୁଦ୍ଧ ସଂପର୍କିତ ନିୟମ, ଡାକଯୋଗାଯୋଗ, ଆକାଶ ପଥ ଓ ସମୁଦ୍ର ପଥରେ ଗମନା ଗମନ, ବିଦେଶୀମାନଙ୍କ ପ୍ରତି ଆଚାର ବ୍ୟବହାର, ମୁଦ୍ରାର ବିନିମୟ ଇତ୍ୟାଦି ମାଧ୍ୟମରେ ଆନ୍ତର୍ଜାତୀୟ ସ୍ତରରେ ଶୃଙ୍ଖଳା ବଜାୟ ରହିଛି । ଆନ୍ତର୍ଜାତିକ ରାଜିନାମା ଓ ଚୁକ୍ତି ବଳରେ ହେଉ ବା ପ୍ରଥା ଓ ପରମ୍ପରା ବଳରେ ହେଉ, ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଆଜି ଶୃଙ୍ଖଳା ରକ୍ଷା କରାଯାଇପାରୁଛି । ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିଭେଦ ସୃଷ୍ଟି ହେଲେ ଅନ୍ୟ ଯେ କୌଣସି ରାଷ୍ଟ୍ର ବା ଆନ୍ତର୍ଜାତୀୟ ସଂସ୍ଥା ଜରିଆରେ ଆପୋଷ ସମାଧାନ କରାଯାଇ ପାରୁଛି । ଏହି ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧ୍ୟରେ ଥିବା ସଂପର୍କର ଅବତାରଣା କରାଯାଇପାରେ । ୧୯୪୫ ମସିହା ଠାରୁ ଏ ପର୍ଯ୍ୟନ୍ତ କୌଣସି ବିଶ୍ୱଯୁଦ୍ଧ ନହେବା ଆଜିର ବିଶ୍ୱ ବ୍ୟବସ୍ଥା ବା ବିଶ୍ୱ ଶୃଙ୍ଖଳାର ଏକ ଗଠନମୂଳକ ଦିଗ କହିଲେ, ଅତ୍ୟୁକ୍ତି ହେବନାହିଁ ।

ବିଶ୍ୱବ୍ୟବସ୍ଥା ବିଷୟ ଆଲୋଚନା କଲାବେଳେ ବାସ୍ତବତାକୁ ଏଡ଼ାଇ ଦେଇ କେବଳ ଆଦର୍ଶକୁ ଅନୁକରଣ କଲେ ଚଳିବ ନାହିଁ । ରାଜନୈତିକ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିସ୍ଥିତି ବିଶ୍ୱ ବ୍ୟବସ୍ଥାକୁ ଯେକୌଣସି ସମୟରେ ପ୍ରଭାବିତ କରିପାରେ । ଏହି ସବୁ ପରିବର୍ତ୍ତିତ ପରିସ୍ଥିତିକୁ ନେଇ ବିଶ୍ୱ ବ୍ୟବସ୍ଥାରେ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ । ଶୀତଳ ଯୁଦ୍ଧର ଅବସାନ ପରେ ବାସ୍ତବିକ ବିଶ୍ୱ ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ହୋଇଛି ସତ, ମାତ୍ର ଏହା ମୁଖ୍ୟ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହିଁ ।

## ପ୍ରଶ୍ନାବଳୀ - ୨୯.୧

୧। ବିଶ୍ୱ ବ୍ୟାପାରରେ ମୁଖ୍ୟ ଖେଳାଳୀମାନେ କିଏ ?

୨। ଆକାର ଓ କ୍ଷମତାରେ ସବୁ ରାଷ୍ଟ୍ର ସମାନ କି ?

## ୨୯.୨. ଶୀତଳ ଯୁଦ୍ଧ ସମୟରେ ଦ୍ୱି-ଶକ୍ତି କୈନ୍ଦ୍ରିକ ବ୍ୟବସ୍ଥା (Bipolar Order during cold war)

ତୁମେ ମାନେ ଅନୁମାନ କର, ଦ୍ୱିତୀୟ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ ୟୁରୋପ ବିଶ୍ୱ ବ୍ୟାପାରରେ ଏକ ରଙ୍ଗମଞ୍ଚ ହୋଇ ଗଢ଼ିଉଠିଥିଲା । ପାରସ୍ପରିକ ସହଯୋଗ ଓ ମୈତ୍ରୀ ବନ୍ଧନ ମାଧ୍ୟମରେ ୟୁରୋପୀୟ ଦେଶମାନେ (ଯଥା- ଫ୍ରାଂନ୍ସ, ବ୍ରିଟେନ୍, ଜର୍ମାନୀ) ଶାନ୍ତି ରକ୍ଷା କରିପାରିଥିଲେ । ଏହି ଭଳି ପ୍ରକ୍ରିୟାକୁ 'କ୍ଷମତା ସନ୍ତୁଳନ' (Balance of Power) କୁହାଯାଏ । ଏହି ନୀତି ଅନୁସାରେ ବ୍ରିଟେନ୍ ଅନେକ ଦିନ ଧରି ପ୍ରଭୁତ୍ୱ ବିସ୍ତାର କରି ଚାଲିଥିଲା । ମାତ୍ର ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏବଂ ପ୍ରଥମ ବିଶ୍ୱ ଯୁଦ୍ଧରେ ଏହି ପ୍ରକ୍ରିୟାର ଅବସାନ ଘଟିଲା । ଉକ୍ତ ସମୟରେ ୟୁରୋପୀୟ ଦେଶମାନଙ୍କ ବ୍ୟତୀତ -ଯୁକ୍ତରାଷ୍ଟ୍ର ଆମେରିକା ଓ ଜାପାନ ବିଶ୍ୱ ରାଜନୀତିର ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେଲେ ।

ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷର ମିଳିତ ସହଯୋଗ ଦ୍ୱାରା ଜର୍ମାନୀ, ଜାପାନ ଓ ଇଟାଲୀର ପତନ ସହିତ ଦ୍ୱିତୀୟ ବିଶ୍ୱ ଯୁଦ୍ଧର ଅବସାନ ଘଟିଲା । ଯୁଦ୍ଧର ଶେଷ ପର୍ଯ୍ୟାୟରେ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ପ୍ରସ୍ତୁତ ପରମାଣୁ ବୋମା ଜାପାନର ନାଗାସାକି ଓ ହିରୋସୀମା ସହର ଉପରେ ନିକ୍ଷେପ କରାଗଲା । ଏହାର ପ୍ରଭାବ ସୁଦୂର ପ୍ରସାରୀ ଥିଲା । ଉକ୍ତ ଯୁଦ୍ଧରେ ବିଜୟୀ ହେବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ପୁଞ୍ଜି ଓ ସାମରିକ ଶକ୍ତିର ବିଶେଷ ଅବଦାନ ଥିଲା । ତେଣୁ ଯୁଦ୍ଧ ପରବର୍ତ୍ତୀ ସମୟରେ ବିଶ୍ୱରେ ଶାନ୍ତି ରକ୍ଷା ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ନେତୃତ୍ୱ ଯେ ଅପରିହାର୍ଯ୍ୟ, ଏକଥା ସମସ୍ତ ରାଷ୍ଟ୍ର ହୃଦୟଙ୍ଗମ କରିଥିଲେ । ପରିସ୍ଥିତି ଏଭଳି ହେଲାଯେ, ବ୍ରିଟେନ୍, ଫ୍ରାଂନ୍ସ ଓ ଅନ୍ୟ ୟୁରୋପୀୟ ରାଷ୍ଟ୍ରଗଣ ଆର୍ଥିକ ଦୁର୍ଗତିରୁ ମୁକ୍ତି ପାଇବା ପାଇଁ ଓ ନିଜ ନିଜର ସାମରିକ ସୁରକ୍ଷା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଉପରେ ନିର୍ଭର କରିବା ଆରମ୍ଭ କଲେ; ଏପରି କି ସୋଭିଏତ୍ ରୁଷ ମଧ୍ୟ ସେଥିରୁ ବାଦ ପଡ଼ିଲା ନାହିଁ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ମିତ୍ର ଶକ୍ତିରେ ସାମିଲ ହୋଇଥିବା ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷ ମଧ୍ୟରେ ୟୁରୋପରେ ସ୍ଥିରତା ଓ ଶାନ୍ତି ପ୍ରତିଷ୍ଠା ଉଦ୍ୟମକୁ ନେଇ ବିଭେଦ ସୃଷ୍ଟି ହେଲା । ଏହି ବିଭେଦର ଅନ୍ତରାଳରେ ରାଜନୈତିକ ଓ ଆଦର୍ଶଗତ କାରଣମାନ ଥିଲା । ଆଦର୍ଶଗତ ଶାସନ ପରିଚାଳନା କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା-ଗଣତନ୍ତ୍ର ଶାସନ ଓ ମୁକ୍ତ ବଜାର ନୀତି ଅବଲମ୍ବନ କରୁଥିଲା ବେଳେ ସୋଭିଏତ୍ ରୁଷ ଶାସନ ପରିଚାଳନା କ୍ଷେତ୍ରରେ କେବଳ କମ୍ୟୁନିଷ୍ଟ ଦଳର ଶାସନ ଓ ରାଷ୍ଟ୍ର ଦ୍ୱାରା ନିୟନ୍ତ୍ରିତ ଅର୍ଥନୀତି ଉପରେ ବିଶ୍ୱାସ କରୁଥିଲା । ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଦ୍ୱି-ଶକ୍ତି କୈନ୍ଦ୍ରିକ ବ୍ୟବସ୍ଥାର ସୃଷ୍ଟି ହେଲା । ତେଣୁ ୟୁରୋପୀୟ ରାଜନୀତିରେ ଉଭୟେ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷ ଦୁଇ ବିରୋଧୀ ଶକ୍ତି ଭାବରେ ଦଣ୍ଡାୟମାନ ହେଲେ । ପାଶ୍ଚାତ୍ୟ ୟୁରୋପୀୟ ରାଷ୍ଟ୍ରଗଣ ଯୁକ୍ତରାଷ୍ଟ୍ର ଆମେରିକା ସହିତ ହାତ ମିଳାଇ ଏକ 'ମୁକ୍ତ ବିଶ୍ୱ' (Free world) ସୃଷ୍ଟି କରୁଥିବା ବେଳେ ପୂର୍ବ ୟୁରୋପୀୟ ରାଷ୍ଟ୍ରମାନେ ସୋଭିଏତ୍ ରୁଷର ନେତୃତ୍ୱରେ ଏକ ସମାଜବାଦୀ ଶିବିର ଗଠନ କଲେ । ଏହିପରି ଦୁଇ ପ୍ରଧାନ ବିରୋଧୀ ଶିବିର ଗଠନକୁ ଆମେ ବୃହତ୍ତ ଶକ୍ତି (Super Power) ବୋଲି ଅଭିହିତ କରିଥାଉ ।

> ବୃହତ୍‌ଶକ୍ତି (Super Powers) ବିରାଟଶକ୍ତି (Great Powers) ଦୁଇଟିର ଅର୍ଥ ସଂପୂର୍ଣ୍ଣ ଅଲଗା । 'ବୃହତ୍ ଶକ୍ତି' କହିଲେ, ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷକୁ ବୁଝାଏ । ମାତ୍ର ଇତିହାସ ପୃଷ୍ଠାରେ ବିରାଟଶକ୍ତି ହିସାବରେ ଅଷ୍ଟ୍ରିଆ, ବ୍ରିଟେନ୍, ଫ୍ରାଂନ୍ସ, ପ୍ରୁସିଆ ଇତ୍ୟାଦି ରାଷ୍ଟ୍ରର ନାମ ଉଲ୍ଲେଖ କରାଯାଇଅଛି । ବୃହତଶକ୍ତି ମାନଙ୍କର ସାମରିକ ଦକ୍ଷତା ଓ ଅର୍ଥନୈତିକ ସଂପଦ ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ଯଥେଷ୍ଟ ଅଧିକ । ବହୁପରିମାଣରେ ପରମାଣୁ ଓ ଅନେକ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ରର ସେମାନେ ଅଧିକାରୀ ଥିଲେ । ବିଶ୍ୱର ଅନେକ ଘଟଣା ଓ ନୀତିକୁ ସେମାନେ ପ୍ରଭାବିତ କରିପାରିଛନ୍ତି ।



Notes

- ପ୍ରାଚ୍ୟ - ପାଶ୍ଚାତ୍ୟ ସଂପର୍କ କେବେ ହେଲେ ସୌହାର୍ଦ୍ଦ୍ୟପୂର୍ଣ୍ଣ ନ ଥିଲା । ଦୁଇ ଶିବିର ମଧ୍ୟରେ ରାଜନୈତିକ ଓ ସାମରିକ କ୍ଷେତ୍ରରେ ପ୍ରତିଯୋଗିତା ମାନ ଚାଲିଲା । ଏଥିରୁ ମନେ ହେଉ ଥିଲା ଯେ ଯେପରି ପ୍ରତ୍ୟକ୍ଷ ଯୁଦ୍ଧ ପାଇଁ ସେମାନେ ପ୍ରସ୍ତୁତ ହେଉଛନ୍ତି । ଏହି ପ୍ରକାର ଅବସ୍ଥାକୁ ଆମେ 'ଶୀତଳ ଯୁଦ୍ଧ'(Cold War) କହିଥାଉ ।
- ଏହି ଶୀତଳ ଯୁଦ୍ଧ ଫଳରେ ସାମରିକ ମେଣ୍ଟ ପ୍ରସ୍ତୁତ କରିବା ପାଇଁ ପ୍ରତିଯୋଗୀତାମାନ ଚାଲିଲା । 'ଉତ୍ତର ଆଟ୍‌ଲାଣ୍ଟିକ ଚୁକ୍ତି ସଂଗଠନ' ବା 'ନାଟୋ' (NATO) ଓ 'ୱାରସ୍ ଚୁକ୍ତି ସଂଗଠନ' (Warsaw Treaty Organisaion) ଗଠନ କରାଯାଇ ନୂତନ ଧରଣର ବିକଶିତ ଅସ୍ତ୍ରଶସ୍ତ୍ର ତିଆରି କରିବା ପାଇଁ ପ୍ରତିଯୋଗୀତା ଆରମ୍ଭ ହେବାରୁ ମାରାତ୍ମକ ପରମାଣୁ ଅସ୍ତ୍ର ଦୌଡ଼ ଜନ୍ମନେଲା । ଶୀତଳ ଯୁଦ୍ଧର ଉଭୟ ପ୍ରତିପକ୍ଷଙ୍କ ମଧ୍ୟରେ ଧୀରେ ଧୀରେ ଶତୃତା ବୃଦ୍ଧି ପାଇଲା ଗୋଟିଏ ପକ୍ଷ, ଅନ୍ୟ ପକ୍ଷକୁ ଧ୍ୱଂସ କରିବା ପାଇଁ ଆଗଭର ହେଲେ ଓ ବିପଦଜନକ ପରମାଣୁ ଅସ୍ତ୍ରଶସ୍ତ୍ରର ପ୍ରୟୋଗର ଆଶଙ୍କା ମଧ୍ୟ ଦେଖାଦେଲା ।

> ୧୯୪୯ ମସିହାରେ ଗଠିତ ହେଲା, ଉତ୍ତର-ଆଟଲାଣ୍ଟିକ୍ ସାମରିକ ଚୁକ୍ତି ସଂଗଠନ । ଏଥିରେ ସଦସ୍ୟ ରହିଲେ ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ା ସମେତ ପଶ୍ଚିମ ୟୁରୋପର ବେଲଜିୟମ୍, ବ୍ରିଟେନ୍, ନେଦରଲ୍ୟାଣ୍ଡ, ପଶ୍ଚିମ ଜର୍ମାନୀ ସମେତ ଦଶ ଗୋଟି ରାଷ୍ଟ୍ର 'ନାଟୋ'ର ସଦସ୍ୟ ରାଷ୍ଟ୍ରମାନଙ୍କର ସହମତିରେ ଗଠିତ ଏହି ସାମରିକ ମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ ଥିଲା – ଯଦି କୌଣସି ଏକ ସଦସ୍ୟ ରାଷ୍ଟ୍ର ବିରୁଦ୍ଧରେ ବହିଃଶତ୍ରୁର ଆକ୍ରମଣ ହୁଏ, ତାହା ସମସ୍ତ ସଦସ୍ୟ-ରାଷ୍ଟ୍ରଙ୍କ ବିରୁଦ୍ଧରେ ଆକ୍ରମଣ ବୋଲି ଧରାଯିବ ଓ ସମସ୍ତ ସଦସ୍ୟ ରାଷ୍ଟ୍ର ଏହି ଆକ୍ରମଣର ମିଳିତ ଭାବରେ ମୁକାବିଲା କରିବେ । ଚାଲାକ୍ କରି ସୋଭିଏତ୍ ଋଷ୍ ଏହି ମେଣ୍ଟରେ ସାମିଲ ହେବାକୁ ଚାହିଁଲା । କିନ୍ତୁ ନାଟୋ ତରଫରୁ ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯିବା ପଛରେ ମୁଖ୍ୟ କାରଣ ଥିଲା, ସୋଭିଏତ୍ ଋଷ୍‌ର ଆଦର୍ଶଗତ ନୀତିର ପ୍ରସାର ଓ ପ୍ରଭାବକୁ ପ୍ରତିହତ କରିବା । ଫଳରେ ସୋଭିଏତ୍ ଋଷ୍ ୧୯୫୫ ମସିହାରେ ୱାରସ ଚୁକ୍ତି ସଂଗଠନନାମକ ଏକ ସାମରିକ ମେଣ୍ଟ ପ୍ରତିଷ୍ଠା କଲା ଓ ଏଥିରେ 'ନାଟୋ' ବିରୋଧୀ ସମସ୍ତ ପୂର୍ବ-ୟୁରୋପୀୟ ମିତ୍ର ରାଷ୍ଟ୍ରମାନେ ସଦସ୍ୟ ରହିଲେ ।

କେବଳ ସେତିକିରେ ପ୍ରତିଯୋଗିତା ସରିଲା ନାହିଁ । ପଶ୍ଚିମ ଏସିଆ, ଦକ୍ଷିଣ ଏସିଆ, ପୂର୍ବ ଏସିଆ, କେନ୍ଦ୍ରୀୟ ଆମେରିକା ଓ ପୂର୍ବ ଆଫ୍ରିକାର ସ୍ଥାନୀୟ ବିବାଦରେ ମଧ୍ୟ ଏହି ଦୁଇ ଶିବିର ଜଡ଼ିତ ହେଲେ । ନିଜର ମିତ୍ର ରାଷ୍ଟ୍ର ମାନଙ୍କୁ ସାମରିକ ସାହାଯ୍ୟ ପ୍ରଦାନ ଆରମ୍ଭ ହେଲା । ୧୯୬୦ ମସିହା ବେଳକୁ ପରମାଣୁ ଅସ୍ତ୍ରର ପ୍ରସାର ଓ ଅନ୍ୟ ରାଷ୍ଟ୍ରମାନଙ୍କୁ ଏହାର ଯୋଗାଣକୁ ନିଷିଦ୍ଧ କରାଗଲା ।

- ଦ୍ୱି-ଶକ୍ତି କୈନ୍ଦ୍ରିକ କ୍ଷମତାର କେତେକ ସୁଫଳ ବିଶ୍ୱବ୍ୟବସ୍ଥା ଉପରେ ପଡିଲା । ଆଫ୍ରିକା ଓ ଏସିଆରେ ଥିବା ୟୁରୋପୀୟ ଉପନିବେଶ (European Colony) କର୍ତ୍ତୃତ୍ୱରେ ଥିବା ପରାଧୀନ ଦେଶମାନେ ଉପନିବେଶବାଦ କବଳରୁ ମୁକ୍ତି ପାଇବା ପାଇଁ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ କଲେ । ଶୀତଳ ଯୁଦ୍ଧର ଦୁଇ ଶକ୍ତିଶାଳୀ ଶିବିର ସେଠାକାର ଅଧିବାସୀମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ଉକ୍ତ ଦେଶମାନଙ୍କରେ ଚାଲୁଥିବା ସ୍ୱାଧୀନତା ଆନ୍ଦୋଳନକୁ ଉତ୍ସାହିତ କରିବାରେ ଲାଗିଲେ । ଫଳରେ ୧୯୬୦ ମସିହାର ପ୍ରାରମ୍ଭରେ ପ୍ରାୟ ଶହେଗୋଟି ନୂତନ ସ୍ୱାଧୀନ ରାଷ୍ଟ୍ର ଜନ୍ମନେଲା । କିନ୍ତୁ ଏହି ନୂତନ ରାଷ୍ଟ୍ରମାନେ ଉପରୋକ୍ତ ଦୁଇ ଶକ୍ତିଶାଳୀ ଗୋଷ୍ଠୀର ଶିବିରରେ ଯୋଗ ଦେଇ ନ ଥିଲେ । ସେମାନେ 'ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ' (Non-Aligned Movement)ରେ ସାମିଲ ହୋଇ

ଭାରତର ନେତୃତ୍ୱରେ ବିଶ୍ୱଶାନ୍ତି, ପରମାଣୁ ନିରସ୍ତ୍ରୀକରଣ ଏବଂ ସ୍ୱଳ୍ପ ବିକଶିତ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ପ୍ରଗତି ପାଇଁ ପ୍ରଚେଷ୍ଟା ଆରମ୍ଭ କଲେ । ଖାଲି ସେତିକି କଲେ ନାହିଁ ବରଂ ସଂଯୁକ୍ତ ରାଷ୍ଟ୍ରସଂଘ ପରି ବିଶ୍ୱ ସଂଗଠନରେ ବୃହତ୍ ଶକ୍ତିମାନେ କିପରି ନିରସ୍ତ୍ରୀକରଣ ଓ ଅର୍ଥନୀତିର ସନ୍ତୁଳିତ ବିକାଶ ପାଇଁ ଶତତ ଚେଷ୍ଟା କରିବେ, ସେଥିପାଇଁ ଦାବି ଉପସ୍ଥାପନ କଲେ । ଏହି ସମୟରେ ପଶ୍ଚିମ ଏସୀୟ ରାଷ୍ଟ୍ରମାନେ ତୈଳ ଉତ୍ପାଦନ ଏବଂ ଏହାର ମୂଲ୍ୟ ନିର୍ଦ୍ଧାରଣ ପୂର୍ବକ ନୀତିରେ ସେମାନଙ୍କର ଗୁରୁତ୍ୱ ଜାହିର କଲେ ।

- ୧୯୭୦ମସିହା ବେଳକୁ ବିଶ୍ୱରେ ଥିବା ଦ୍ୱି-ଶକ୍ତି କୈନ୍ଦ୍ରିକ (bi-polar) କ୍ଷମତା ବହୁ କୈନ୍ଦ୍ରିକ (Multipolar) କ୍ଷମତାରେ ପରିଣତ ହେଲା ଓ ବିଶ୍ୱ ବ୍ୟାପାର ଦ୍ୱି-ଶକ୍ତି ମଧ୍ୟରେ ଆବଦ୍ଧ ନହୋଇ ବହୁକୈନ୍ଦ୍ରିକ ହୋଇଗଲା । ଏ ଯେଉଁ ତୃତୀୟ ବିଶ୍ୱ (Third World) ସୃଷ୍ଟି ହେଲା ସେଥିରେ କେତେକ କୌତୁହଳ ଘଟଣାମାନ ଘଟିଲା । ପାଶ୍ଚାତ୍ୟ ୟୁରୋପୀୟ ରାଷ୍ଟ୍ରଗଣ ଯୁକ୍ତରାଷ୍ଟ୍ର ଆମେରିକାଠାରୁ ଆର୍ଥିକ ଓ ସାମରିକ ସୁରକ୍ଷା ପାଇ ସେମାନଙ୍କର ଆଂଚଳିକ ସଂହିତ ପାଇଁ ୟୁରୋପୀୟ ସଂଘ (European Union) ଗଠନ କଲେ । ଏମାନେ ବିଶ୍ୱ ବଜାରରେ ମୁଖ୍ୟ ପ୍ରତିଦ୍ୱନ୍ଦୀ ଭାବରେ ପରିଚିତ ହେଲେ । ପରେ ପରେ ପ୍ରାଚ୍ୟ ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ପ୍ରଥମେ ଜାପାନ ଓ ପରେ ଚୀନ ଆଉ ତାଙ୍କ ସହିତ "ଏସୀୟ ବାଘ" (Asian Tiger) ରୂପେ ପରିଚିତ, ଦକ୍ଷିଣ କୋରିଆ, ସିଙ୍ଗାପୁର ପ୍ରଭୃତି ରାଷ୍ଟ୍ରମାନେ ଦ୍ୱି-ଶକ୍ତି କୈନ୍ଦ୍ରିକ କ୍ଷମତା ଶିବିରରୁ ଆସ୍ତେ ଆସ୍ତେ ଓହରି ଗଲେ । ଏହି ପରିପ୍ରେକ୍ଷୀରେ ୧୯୭୦ ମସିହାରେ ଦ୍ୱି-ଶକ୍ତି କୈନ୍ଦ୍ରିକ କ୍ଷମତା ଗୋଷ୍ଠୀ ଏଭଳି ବିବାଦର ସମାଧାନ ପାଇଁ ଏକ ସୁତ୍ର ଖୋଜି "ବିବାଦର ହ୍ରାସ" (Detente) କରିବାକୁ ଉଦ୍ୟମ କଲେ । ମାତ୍ର ଏହାକୁ ଜୀବିତ ରଖିପାରିଲେ ନାହିଁ । ତଥାପି ଏହି ଦ୍ୱି-ଶକ୍ତି କୈନ୍ଦ୍ରିକ ବିଶ୍ୱବ୍ୟବସ୍ଥା ୧୯୯୦ ମସିହା ପ୍ରାଥମାର୍ଦ୍ଧ ସମୟ ପର୍ଯ୍ୟନ୍ତ ଜାରୀ ରହିଥିଲା, ମାତ୍ର ପୂର୍ବ ୟୁରୋପରେ ତଥା ସୋଭିଏତ୍ ରୁଷରେ ସମାଜବାଦର ପତନ ପରେ ପରେ ଶୀତଳ ଯୁଦ୍ଧର ଅବସାନ ଘଟିଲା ।

### ପ୍ରଶ୍ନାବଳୀ ୨୯.୨

୧। ଦ୍ୱିତୀୟ ବିଶ୍ୱଯୁଦ୍ଧରେ କେଉଁ କେଉଁ ରାଷ୍ଟ୍ରମାନେ ବିଜୟଲାଭ କରିଥିଲେ ସେମାନଙ୍କ ନାମ ଲେଖ ?

୨। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ୟୁରୋପର ଗୁରୁତ୍ୱ ହ୍ରାସପାଇଲା କହିବା ଯଥାର୍ଥ କି ?

୩। କେଉଁ ଦୁଇଟି ରାଷ୍ଟ୍ରକୁ ବୃହତ୍ ଶକ୍ତି କୁହାଯାଏ ?

୪। ଶୀତଳ ଯୁଦ୍ଧ ସମୟରେ ଗଠିତ ଦୁଇଟି ସାମରିକ ମେଣ୍ଟର ସୂଚନା ଦିଅ ?

୫। ବୃହତ୍ ଶକ୍ତିମାନେ ପରସ୍ପର ମଧ୍ୟରେ ବିବାଦର ସମାଧାନ କରିବା ପାଇଁ ଯେଉଁ ଉଦ୍ୟମ କରିଥିଲେ ସେହି ପ୍ରକ୍ରିୟାର ନାମ କ'ଣ ?

## ୨୯.୩. ଶୀତଳଯୁଦ୍ଧର ପରବର୍ତ୍ତୀ ପରିସ୍ଥିତିରେ ଗଠିତ ବିଶ୍ୱର ଏକ-କୈନ୍ଦ୍ରିକ ଶକ୍ତି (Unipolar world after the Cold War)

ବର୍ଲିନ ପ୍ରାଚୀର ପତନ ଓ ଦୁଇ ଜର୍ମାନୀର ଏକତ୍ରୀକରଣ ଘଟଣା ୟୁରୋପରେ କେତେ ଗୁଡିଏ ନୂତନ ପଦକ୍ଷେପର ସୂଚନା ଦେଲା । ପୋଲାଣ୍ଡ, ହଙ୍ଗେରୀ, ବୁଲଗେରିଆ ପରି ପୂର୍ବ ୟୁରୋପର କେତେକ ରାଷ୍ଟ୍ର ସମାଜବାଦର ଏକଛତ୍ର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ମଧ୍ୟ ସୋଭିଏତ୍ ରୁଷର ନେତା ମିଖାଇଲ୍ ଗୋରବାଚୋଭ୍ ଏହିସବୁ ରାଷ୍ଟ୍ରରେ ସାମରିକ ହସ୍ତକ୍ଷେପ କରିବାକୁ ମନ ବଳାଇଲେ ନାହିଁ, ତଦ୍ୱାରା ତାସ୍ ଘରପ୍ରି ଅତିଶୀଘ୍ର ଗୋଟିଏ ପରେ ଗୋଟିଏ ଶାସନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଲା । ଏପରିକି




ସୋଭିଏତ୍ ଋଷର ସମାଜବାଦୀ ଶିବିରରେ ସ୍ୱାଧୀନତାର ଦୁନ୍ଦୁଭି ବାଜି ଉଠିଲା । ଫଳରେ ୧୯୯୧ ମସିହାରେ ସୋଭିଏତ ରୁଷ ଖଣ୍ଡ ବିଖଣ୍ଡିତ ହେଲା ଓ ରୁଷ ସଂଘୀୟ ରାଷ୍ଟ୍ର ଏବଂ ଏଥି ସହିତ ୧୪ଗୋଟି ସାଧାରଣ ତନ୍ତ ପ୍ରତିଷ୍ଠା ହେଲା । ଏହି ନୂତନ ରାଷ୍ଟ୍ରମାନେ ସମାଜବାଦ ପରିତ୍ୟାଗକରି ପାଶ୍ଚାତ୍ୟ ଗଣତନ୍ତ୍ର ଓ ମୁକ୍ତ ବଜାର ଅର୍ଥନୀତିକୁ ଗ୍ରହଣ କଲେ । ଏହା ଯୁକ୍ତରାଷ୍ଟ୍ର ଆମେରିକାର ଏକ ଶକ୍ତ ବିଜୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ୱାରସ୍ ଚୁକ୍ତି ସଂଗଠନ ଭାଙ୍ଗିଗଲା ଓ ନାଟୋ (NATO) ଆହୁରି ଶକ୍ତିଶାଳୀ ହୋଇ ୟୁଗୋସ୍ଲୋଭିଆ ଓ ଆଫଗାନିସ୍ଥାନରେ ସାମରିକ କାର୍ଯ୍ୟକଳାପ ଜାରି ରଖିଲା ।

ଶୀତଳ ଯୁଦ୍ଧରେ ବିଜୟୀ ହେବା ପରେ ଯୁକ୍ତରାଷ୍ଟ୍ର ଆମେରିକା ଭୟ ଓ ପ୍ରଶଂସାର ପାତ୍ର ହୋଇପାରିଲା । ସମାଜବାଦର ପତନ ଓ ସୋଭିଏତ୍ ରୁଷର ବିଭାଜନ, ଯୁକ୍ତରାଷ୍ଟ୍ର ଆମେରିକାକୁ ବିଶ୍ୱର ଏକ ଅପ୍ରତିଦ୍ୱନ୍ଦୀ କ୍ଷମତାଶାଳୀ ରାଷ୍ଟ୍ର ରୂପେ ପରିଗଣିତ କଲା ।

ସଂଯୁକ୍ତ ରାଷ୍ଟ୍ରସଂଘରେ ଯୁକ୍ତରାଷ୍ଟ୍ର ଆମେରିକାର କେହି ପ୍ରତିଦ୍ୱନ୍ଦୀ ରହିଲେ ନାହିଁ । ଅତୀତରେ ଯେଉଁ ସୋଭିଏତ୍ ରୁଷ ଏହାର ପରମ ଶତ୍ରୁ ରୂପେ ପରିଗଣିତ ହେଉଥିଲା, ବର୍ତ୍ତମାନ ସେ ହେଲା ତା'ର ମିତ୍ର । ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ, ଆନ୍ତର୍ଜାତୀୟ ସୁରକ୍ଷା, ଆଂଚଳିକ ବିବାଦର ସମାଧାନ, ବାଣିଜ୍ୟ ଓ ଅର୍ଥ ନିବେଶ କ୍ଷେତ୍ରରେ ସେ ଆଜି ଯୁକ୍ତରାଷ୍ଟ୍ର ଆମେରିକାର ସହଯୋଗୀ । ଶୀତଳ ଯୁଦ୍ଧର ସମାପ୍ତିର ବହୁପୂର୍ବରୁ ସମାଜବାଦ ନୀତିକୁ ପରିତ୍ୟାଗ କରିବା ପରେ ଚୀନ୍‌ର ଆର୍ଥିକ ବିକାଶ ଘଟିଥିଲେ ମଧ୍ୟ ତାହା ଯୁକ୍ତରାଷ୍ଟ୍ର ଆମେରିକା ସହ ତୁଳନୀୟ ନୁହେଁ । ଆଜି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ପ୍ରାସଙ୍ଗିକତା ହ୍ରାସ ପାଇଛି । ସମାଜବାଦ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା କେତେକ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମଧ୍ୟ ମୁକ୍ତ-ବଜାର ନୀତିକୁ ଗ୍ରହଣ କରିସାରିଲେଣି । ବିଦେଶୀ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ପାଇଁ ଉଦାରୀକରଣ ଅର୍ଥନୀତି ଗ୍ରହଣ କରାଯାଇଅଛି । ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (International Monetary Fund) କୁ ମୁଖ୍ୟ ଆୟୁଧ କରି ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱ ଅର୍ଥନୀତିକୁ ନିୟନ୍ତ୍ରଣ କରୁଅଛି ।

ବିଶ୍ୱଶାନ୍ତି ପ୍ରତିଷ୍ଠା ଓ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସଂଯୁକ୍ତ ରାଷ୍ଟ୍ରସଂଘ ଏକ ପ୍ରମୁଖ ତଥା ସକ୍ରିୟ ଭୂମିକା ଗ୍ରହଣ କରିଅଛି । ସୁରକ୍ଷା ଦେବା ପାଇଁ ସଂଯୁକ୍ତ ରାଷ୍ଟସଂଘର ନିରାପତ୍ତା ପରିଷଦ ଗଠନ କରାଯାଇଅଛି; ଯେଉଁ ନିରାପତ୍ତା ପରିଷଦରେ ଅତୀତରେ ଦୁଇ ବୃହତ୍ ଶକ୍ତି ମଧ୍ୟରେ ମତଭେଦ ଦେଖାଦେଉଥିଲା ସେହି ନିରାପତ୍ତା ପରିଷଦ ଆଜି ଯୁକ୍ତରାଷ୍ଟ୍ର ଆମେରିକାର ଏକ ମୁଖ୍ୟ କାର୍ପଟ୍‌ଦ୍ୱାର୍ ରୂପେ କାର୍ଯ୍ୟ କରୁଅଛି ଏବଂ ଏଥିରେ ଏହାର ସ୍ଥାୟୀ ସଦସ୍ୟମାନେ ମଧ୍ୟ ସାମିଲ ହୋଇଛନ୍ତି । ଏହା ଅବଶ୍ୟ ସଂଯୁକ୍ତ ରାଷ୍ଟ୍ରସଂଘର ସ୍ୱଚ୍ଛତା ଓ ଗଣତାନ୍ତ୍ରିକ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରୁଛି । ସଂଯୁକ୍ତ ରାଷ୍ଟ୍ରସଂଘକୁ ବେଖାତିର କରି ୨୦୦୩ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଏକାକୀ ଇରାକ ଉପରେ ଆକ୍ରମଣ କରିଥିଲା । ଯୁକ୍ତରାଷ୍ଟ୍ରର ଏହିପରି ଏକଛତ୍ରବାଦୀ ମନୋବୃତ୍ତି ଓ ମନମୁଖୀ କାର୍ଯ୍ୟ ସଂଯୁକ୍ତ ରାଷ୍ଟ୍ରସଂଘର ସାଧାରଣ ପରିଷଦ ଓ ମହା ସଚିବ (Secretary General)ଙ୍କ କାର୍ଯ୍ୟ ସଂପାଦନରେ ଅନ୍ତରାୟ ସୃଷ୍ଟି କରୁଛି ।

## ପ୍ରଶ୍ନାବଳୀ. ୨୯.୩

୧। କେଉଁ ଦେଶ ଶୀତଳ ଯୁଦ୍ଧରେ ପରାଜିତ ହେଲା ?

୨। ଶୀତଳ ଯୁଦ୍ଧର ସମାପ୍ତିର ଘୋଷଣା ସମୟରେ ସୋଭିଏତ୍ ରୁଷ୍‌ର ନେତାଙ୍କ ନାମ ଲେଖ ?

୩। ଶୀତଳ ଯୁଦ୍ଧ ପରେ କେଉଁ ଦେଶ ଅତ୍ୟନ୍ତ କ୍ଷମତାଶାଳୀ ହୋଇ ଆବିର୍ଭାବ ହେଲା ?

୪। ବିଶ୍ୱରେ ଏକ -କୈନ୍ଦ୍ରିକ ଶକ୍ତିର ଆବିର୍ଭାବ ସଂଯୁକ୍ତ ରାଷ୍ଟ୍ରସଂଘର କାର୍ଯ୍ୟ ସଂପାଦନରେ ସାହାଯ୍ୟ କଲା କି ?

## ୨୯.୪. ଏକ-କୈନ୍ଦ୍ରିକ- ଶକ୍ତି ପରିସରରେ ଅସ୍ଥିରତା (Instability under Unipolarity)

ପରିତାପର ବିଷୟ ଯେ, ଏକ-କୈନ୍ଦ୍ରିକ ଶକ୍ତି ବିଶ୍ୱରେ ଶାନ୍ତି ଓ ସ୍ଥିରତା ଆଣି ପାରିଲା ନାହିଁ । ଶୀତଳ ଯୁଦ୍ଧର ପରବର୍ତ୍ତୀ ସମୟରେ ରାଷ୍ଟ୍ରମାନେ ବିବିଧ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖିନ ହେଲେ । ବର୍ତ୍ତମାନ ରାଷ୍ଟ୍ରକୁ ଭିତରେ ଓ ବାହାରେ ବିଭିନ୍ନ ଆଶଙ୍କାର ସମ୍ମୁଖିନ ହେବାକୁ ପଡ଼ିଲା । ୧୯୯୦ ମସିହା ପୂର୍ବରୁ ଭୂଖଣ୍ଡର ଐକ୍ୟ, ଦେଶର ସ୍ଥିରତା ପାଇଁ ଏକ ସର୍ତ୍ତଥିଲା । ସୋଭିଏତ୍ ରୁଷର ବିଭାଜନ-ସମଗୁଣ ସଂପର୍କ୍ତ ଗୋଷ୍ଠୀ, ଭାଷାଗତ, ଧର୍ମ ଭିତ୍ତିକ ଗୋଷ୍ଠୀମାନଙ୍କୁ ପୃଥକ ରାଷ୍ଟ୍ର ଗଠନର ଦାବି ପାଇଁ ଉତ୍ସାହିତ କଲା । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ପ୍ରତିଷ୍ଠାତା ଯୁଗୋସ୍ଲୋଭିକିଆ ରାଷ୍ଟ୍ର ପାଞ୍ଚ ଭାଗ ହୋଇଗଲା । ସଂକୀର୍ଣ୍ଣମନା ତଥା ଜାତିଗତ ସ୍ୱାର୍ଥ ଦ୍ୱାରା କ୍ରୋଏସିଆ, ବୋସନିଆ-ହରଜଗୋଭିନାରେ ପୁଣି ବିଭାଜନ ଆଶଂକା ସୃଷ୍ଟି ହେଲା । ଚେକୋସ୍ଲୋଭିଆ ଦୁଇ ଭାଗରେ ବିଭକ୍ତ ହେଲା । ଆତ୍ମ ସିଦ୍ଧାନ୍ତ ଅଧିକାର ବା ସ୍ୱ-ନିର୍ଦ୍ଧାରଣ (Right to self determination) ଅଧିକାର ବଳରେ ଇରିଟ୍ରିଆ, ଇଥିଓପିଆ କବଳରୁ ମୁକ୍ତ ହେଲା । ପୂର୍ବ -ଟିମୋର (East Tumore) ହେଉଛି ସର୍ବଶେଷ ଭୂଖଣ୍ଡ ଯାହାକି ହିଂସାପୂର୍ଣ୍ଣ ପରିବେଶ ମଧ୍ୟରେ ଆତ୍ମସିଦ୍ଧାନ୍ତ ଅଧିକାର (Right to self determination) ଦାବୀ କଲା ।

> ଆତ୍ମ ସିଦ୍ଧାନ୍ତ ବା ସ୍ୱ-ନିର୍ଦ୍ଧାରଣ ଅଧିକାର କହିଲେ ବୁଝାଏ ଏକ ବ୍ୟବସ୍ଥାକୁ ଯାହା ଫଳରେ କୌଣସି ବିଦେଶୀ ରାଷ୍ଟ୍ରର ପରାଧୀନ ଥିବା ଜନସମୂହ ନିଜର ଏକ ସ୍ୱାଧୀନ ସରକାର ଗଠନ ପାଇଁ ମନମୁତାବକ ଏକ ସିଦ୍ଧାନ୍ତ ନେଇ ପାରିବେ । ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ଅଷ୍ଟାଦଶ ଶତାବ୍ଦୀର ଫରାସୀ ବିପ୍ଳବ ଏହି ଚିନ୍ତାଧାରାର ଦୁଇଟି ବଳିଷ୍ଠ ଉଦାହରଣ । ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବା ପରେ କେନ୍ଦ୍ରୀୟ ୟୁରୋପରେ ଅଷ୍ଟ୍ରିୟା, ଯୁଗୋସ୍ଲୋଭିଆ ପରି ନୂଆ ନୂଆ ରାଷ୍ଟ୍ରଗୁଡ଼ିକ ଏହି ଆତ୍ମସିଦ୍ଧାନ୍ତ ଅଧିକାର ମାଧ୍ୟମରେ ଜନ୍ମ ନେଲେ । ୧୯୪୫ ମସିହା ପରେ ଏସିଆ ଓ ଆଫ୍ରିକାରେ ଉପନିବେଶବାଦର ଶୃଙ୍ଖଳରେ ଆବଦ୍ଧ ଥିବା ଜନସମୂହ ଏହି ନୂତନ ଅଧିକାରକୁ ଆଧାର କରି ଉପନିବେଶବାଦରୁ ମୁକ୍ତି ପାଇଲେ ଓ ସ୍ୱାଧିନତାର ସ୍ୱାଦ ଚାଖିଲେ । ଉଦାହରଣ ସ୍ୱରୂପ କାଶ୍ମୀରରେ ବାସ କରୁଥିବା କେତେକ ଅସନ୍ତୁଷ୍ଟ ଗୋଷ୍ଠୀ ଏହି ଆତ୍ମସିଦ୍ଧାନ୍ତ ଅଧିକାର ବଳରେ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଅନାବଶ୍ୟକ ଦାବୀ କରୁଛନ୍ତି । ଫଳରେ ଏକ ଆଶଙ୍କା ହେବା ସ୍ୱାଭାବିକ ଯେ ଏପରି ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କ ଅଯଥା ଦାବୀ ଯୋଗୁଁ ବହୁ ଦେଶ ଧର୍ମ, ଭାଷା ଓ ବର୍ଣ୍ଣ ଭିତ୍ତିରେ ଖଣ୍ଡ ବିଖଣ୍ଡିତ ହୋଇ ପାରନ୍ତି । ଫଳରେ ସାଂପ୍ରତିକ ବିଶ୍ୱ ବ୍ୟବସ୍ଥା ସଙ୍କଟମୟ ପରିସ୍ଥିତିର ସମ୍ମୁଖୀନ ହେବ ।

ବିଭିନ୍ନ ରାଷ୍ଟ୍ରର ଶାସକ ଗୋଷ୍ଠୀଙ୍କୁ ଏକ ବା ଏକାଧିକ ବିଦ୍ରୋହୀ ଗୋଷ୍ଠୀଙ୍କର ଦ୍ୱାରା ପରିଚାଳିତ ଗୃହଯୁଦ୍ଧକୁ ମୁକାବିଲା କରିବାକୁ ପଡ଼ିଲା । ଯାହା ଫଳରେ ଶାସନ ବ୍ୟବସ୍ଥା ଅକାମୀ ହୋଇଗଲା । ଅଫଗାନିସ୍ଥାନ, ଆଙ୍ଗୋଲା, ବୁରୁନ୍ଦି, କଙ୍ଗୋ, ଲାଇବେରିଆ, ସିଆରା ଲିୟନ, ସୋମାଲିଆ ପ୍ରଭୃତି ରାଷ୍ଟ୍ର ଅସ୍ଥିରତାର ଶିକାର ହେଲେ । ସେମାନଙ୍କ ମଧ୍ୟରୁ କିଛି ଦେଶ "ଅସଫଳ ରାଷ୍ଟ୍ର" (failed state) ଭାବରେ ପରିଚିତ ହୋଇ ବିଶ୍ୱର ଅନ୍ୟରାଷ୍ଟ୍ରମାନଙ୍କ ପାଇଁ ବିପଦର ଆଶଙ୍କା ସୃଷ୍ଟି କଲେ ଏବଂ କୌଣସି କୌଣସି ରାଷ୍ଟ୍ର ବହିଃଶତ୍ରୁର ହସ୍ତକ୍ଷେପ ତଥା ସାମରିକ ହସ୍ତକ୍ଷେପର ସମ୍ମୁଖୀନ ହେଲେ । ୟୁରୋପର ଜର୍ଜିଆ ଓ ଆଫ୍ରିକାର ଜାଇରେ (Zaire) ଏଥିରୁ ମଧ୍ୟ ବାଦ ପଡ଼ିଲେ ନାହିଁ ।

ଗୃହଯୁଦ୍ଧ ସମୟରେ ଅମାନୁଷିକ ଭାବରେ ଏ.କେ. ୪୭ (AK-47), ହାତବୋମା, ଲ୍ୟାଣ୍ଡମାଇନ୍ସ ଭଳି କ୍ଷୁଦ୍ର ଅସ୍ତ୍ରର ଅପର୍ଯ୍ୟାପ୍ତ ବ୍ୟବହାର ଫଳରେ ଲକ୍ଷଲକ୍ଷ ନିରୀହ ନର-ନାରୀ ଓ ସନ୍ତାନ-ସନ୍ତତି ଅକଥନୀୟ ନିର୍ଯ୍ୟାତନା ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ । କେତେଯେ ନିରୀହ ନାଗରିକ ମୃତ୍ୟୁ ବରଣ କଲେ, ତା'ର ହିସାବ